ଧରିତ୍ରୀ

# ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

**ସାଲେପୁର,୧୫ା୩(ଡି.ଏନ୍.ଏ.)**

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ 'ଆନନ୍ଦ ଯୁକ୍ତ ରସାୟନ ବିଜ୍ଞାନ' ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷା ଡ. ସଙ୍ଗୀତା ମିଶ୍ର ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ଆଇଆଇଟି ଖଡ଼ଗପୁରର ପ୍ରଫେସର ତାରା ଶଙ୍କର ପାଲ ଯୋଗଦେଇ ରସାୟନ ବିଜ୍ଞାନ କିପରି ଆନନ୍ଦ ଯୁକ୍ତ ହୋଇପାରିବ ସେ ସମ୍ପର୍କରେ କହିଥିଲେ। ଅଧକ୍ଷା ଡ. ମିଶ୍ର ସ୍ୱାଗତ ଭାଷଣ ସହ ଆଲୋଚନାଚକ୍ର ବିଷୟରେ କହିଥିଲେ। ପ୍ରଶାସନିକ ଅଧିକାରୀ ଡ. ପ୍ରସନ୍ନ କୁମାର ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଡ. ପ୍ରଦ୍ୟୁମ୍ନ ଚୌଧୁରୀ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଡ. ଶ୍ରୀୟାସୁକୁଲ ବଳ କାର୍ଯ୍ୟକୁ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ବୈଷ୍ଣବ ଚରଣ ପୃଷ୍ଟି, ରିନା ସ୍ୱାଇଁ, ଡ. ବିଚିତ୍ରାନନ୍ଦ ଦାଶ, ଜୟବର୍ଦ୍ଧନ ଜେନା, କ୍ଷଣପ୍ରଭା ମହାନ୍ତି, ଆଲୋକ ମହାନ୍ତି, ସୀତାଂଶୁ ମିଶ୍ର, ମଙ୍ଗରାଜ ପଣ୍ଡା, ଆଞ୍ଜୁମ ହାସନ, ରମେଶ ସେଠୀ, ସଞ୍ଜୟ ନାୟକଙ୍କ ସହ ଅଧାପିକାଅଧାପକ ଓ ବିଭାଗୀୟ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଭାଗ୍ୟଶ୍ରୀ ପାଣି ଧନ୍ୟବାଦ ଦେଇଥିଲେ।

---

ସମ୍ବାଦ

# ସାଲେପୁର କଲେଜ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ସାଲେପୁର, ୧୫।୩ (ଇମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ 'ଆନନ୍ଦଯୁକ୍ତ ରସାୟନ ବିଜ୍ଞାନ' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସଂଗୀତା ମିଶ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଆଇଆଇଟି ଖଡ଼ଗପୁରର ପ୍ରଫେସର ତାରାଶଙ୍କର ପାଲ ଅତିଥି ଭାବେଯୋଗ ଦେଇ ରସାୟନ ବିଜ୍ଞାନ କିପରି ଆନନ୍ଦଯୁକ୍ତ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷା ଡକ୍ଟର ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଆଲୋଚନାଚକ୍ରର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶାସନିକ ଅଧିକାରୀ ଡକ୍ଟର ପ୍ରସନ୍ନ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ପ୍ରଦ୍ୟୁମ୍ନ ଚୌଧୁରୀ କାର୍ଯ୍ୟକ୍ରମର ର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ




ସୂଚନା ଦେଇଥିଲେ। ଡକ୍ଟର ଶ୍ରୀୟାସୁକୁଲ ବଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ବୈଷ୍ଣବଚରଣ ପୃଷ୍ଟି, ରୀନା ସ୍ୱାଇଁ, ଡକ୍ଟର ବିଚିତ୍ରାନନ୍ଦ ଦାଶ, ସ୍ୱାତୀ ପଣ୍ଡା, ଜୟବର୍ଦ୍ଧନ ଜେନା, କ୍ଷଣପ୍ରଭା ମହାନ୍ତି, ଆଲୋକ ମହାନ୍ତି, ସୀତାଂଶୁ ମିଶ୍ର, ମଙ୍ଗରାଜ ପଣ୍ଡା, ବରଦାପ୍ରସନ୍ନ ଷଡ଼ଙ୍ଗୀ, ଅଞ୍ଜୁମ୍ ହସନ୍, ରମେଶ ସେଠୀ, ସଞ୍ଜୟ ନାୟକଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ ବିଭାଗୀୟ ଛାତ୍ରଛାତ୍ରୀ ବିଷୟବସ୍ତୁର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭାଗ୍ୟଶ୍ରୀ ପାଣି ଧନ୍ୟବାଦ ଦେଇଥିଲେ।

CUTTACK Edition
Page No 22 March 16, 2023